بسم الله الرحمن الرحيم

# ୨୧ ଫେବୃୟାରୀ -୨୦୧୪ ଖୁତ୍‌ବଃ ଜୁମାର ସାରାଂଶ

ତଶହହୁଦ୍, ତା'ଉଜ୍ ଏବଂ ସୁରା ଫାତିହା ଆବୃତ୍ତି କରି ସାରି ହଜରତ୍ ଖଲିଫତୁଲ୍ ମସିହ ପଞ୍ଚମ[ଅବ] କହିଲେ, ଗତ କାଲି ଥିଲା ଫେବୃୟାରୀ ୨୦ ତାରିଖ । ଆମ ଜମାଅତ୍‌ରେ ଏହି ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ସେଦିନ 'ମୁସ୍‌ଲଃ ମଉଦ୍' ନାମରେ ହଜରତ ମସିହ ମଉଦ[ଅସ]ଙ୍କର ଏକ ପୁଣ୍ୟବନ୍ତ ଏବଂ ସର୍ବଗୁଣ ସମ୍ପନ୍ନ ପୁତ୍ର ଜନ୍ମ ଲାଭ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଘୋଷଣା କରାଯାଇଥିଲା । ଗତଥର ଶୁକ୍ରବାର ଜୁମାରେ ମୁଁ ହଜରତ ମସିହ ମଉଦ[ଅସ]ଙ୍କର କେତୋଟି ଐଶ୍ୱରୀକ ଚିହ୍ନର ଦୃଷ୍ଟାନ୍ତ ଦେଇ ତାଙ୍କ ଆଗମନର ମହତ୍ତ୍ୱ ବର୍ଣ୍ଣନା କରି ଖୁତ୍‌ବଃ ଦେଇଥିଲି । ଆଜିର ଦିନରେ ମଧ ୨୦ ତାରିଖ ନିକଟବର୍ତ୍ତୀ ଜୁମା ପଡ଼ିଥିବା ଯୋଗୁଁ ମୁଁ ଏକ ନିର୍ଦ୍ଦିଷ୍ଟ ଭବିଷ୍ୟତବାଣୀ ଉପରେ ଆଲୋକପାତ କରିବି । ଯାହାକୁ ହଜରତ ମସିହ ମଉଦ[ଅସ] ଏକ ମହାନ ଗୌରବଶାଳୀ ନିଦର୍ଶନ ହୋଇଥିବାର ସୂଚନା ଦେଇଥିଲେ । ଅଭିଯୋଗ କାରୀମାନଙ୍କୁ ଉତ୍ତର ଦେବାକୁ ଯାଇ ସେ ସ୍ପଷ୍ଟ ରୂପେ କହିଥିଲେ, ଯେ ଜଣେ ସାଧାରଣ ବ୍ୟକ୍ତି ପକ୍ଷେ ଏହି ଭବିଷ୍ୟତବାଣୀ କରିବା ସମ୍ଭବପର ନୁହେଁ । କାରଣ ଏହା ସମସ୍ତ ପାର୍ଥିବ ଶକ୍ତି ଓ ଅନୁମାନରୁ ଉର୍ଦ୍ଧ୍ୱରେ । ଏକ ସାମାନ୍ୟ ପୁତ୍ର ହୋଇ ତାଙ୍କର ଜନ୍ମ ହେବ ନାହିଁ । ବରଂ ସେ ଏକ ଐଶୀ ଗୁଣ ପ୍ରାପ୍ତ ଦୀର୍ଘାୟୁ ଜୀବନ ଲାଭ କରିବ ଏବଂ ନ୍ୟାୟପୂର୍ଣ୍ଣ ଦୃଷ୍ଟିରେ ଦେଖିଲେ ନିଃସନ୍ଦେହରେ ଏହି ଘୋଷଣା ଏକ ସ୍ୱର୍ଗୀୟ ଚିହ୍ନର ଗୁରୁତ୍ୱ ବହନ କରେ । ଏହି ଭବିଷ୍ୟତବାଣୀ ପ୍ରତି ସନ୍ଦେହ ବ୍ୟକ୍ତ କରୁଥିବା କୌଣସି ଅଭିଯୋଗକାରୀ ଏପରି ଗୋଟିଏ ହେଲେ ଚିହ୍ନଯୁକ୍ତ ପ୍ରମାଣ ଦେଖାଇ ପାରିବେ ନାହିଁ । ଏହାକୁ କେବଳ ଏକ ଭବିଷ୍ୟତ ବାଣୀ କୁହାଯିବ ନାହିଁ । ବରଂ ଏହା ଏଭଳି ଆକାଶୀୟ ନିଦର୍ଶନ, ଯାହା ହଜରତ ମସିହ ମଉଦ[ଅସ]ଙ୍କ ଆଗମନର ସତ୍ୟତାକୁ ଦର୍ଶାଇବା ସହିତ ଆମ ପ୍ରିୟତମ ଦୟାଶୀଳ ନବି-ହଜରତ ମୁହମ୍ମଦ[ସଅ]ଙ୍କ ମହିମା ଏବଂ ବିଶେଷତ୍ୱକୁ ମଧ ପ୍ରକାଶିତ କରାଏ । ଏହି ଐଶୀବାଣୀ ବାସ୍ତବରେ ମୃତକୁଜୀବିତ କରିବା ଅପେକ୍ଷା ଅଧିକ ସତ୍ୟ, ସ୍ୱୟଂ ସଂପୂର୍ଣ୍ଣ ଏବଂ ମର୍ଯ୍ୟାଦା ସୂଚକ ଚିହ୍ନକୁ ପ୍ରଦର୍ଶିତ କରାଏ ।

ହଜୁର[ଅବ] କହିଲେ, ଆମେ ଜାଣିଅଛୁ ଯେ ଏହି ଭବିଷ୍ୟତବାଣୀ ଅନୁଯାୟୀ ସେହି ପ୍ରତିଶ୍ରୁତ ବରପୁତ୍ର ୧୮୮୯ମସିହା ଜାନୁୟାରୀ ମାସ ୧୨ତାରିଖ ଦିନ ହଜରତ ମସିହ ମଉଦ [ଅସ]ଙ୍କ ଦ୍ୱିତୀୟ ସ୍ତ୍ରୀ ହଜରତ ନୁସ୍‌ରତ ଜାହାଁ ବେଗମ୍ ସାହିବାଙ୍କ ଗର୍ଭରୁ ଜ୍ୟେଷ୍ଠ ପୁତ୍ର ଭାବରେ (ବଶୀର ଅୱ୍ୱଲ୍‌ଙ୍କ ମୃତ୍ୟୁ ପରେ) ଜନ୍ମ ଗ୍ରହଣ କଲେ । ଇସଲାମର ସୁନ୍ଦର ଶିକ୍ଷା ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିବା ଦିଗରେ ଏପରି ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି, ଯାହାକୁ ଦୁନିଆ ସବୁଦିନ ପାଇଁ ମନେରଖିବ । ଅନ୍ୟମାନେ ମଧ ଏହାକୁ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ତେବେ ହଜୁର ଅନ୍‌ୱର୍[ଅବ] ୧୮୮୬ ମସିହା ଫେବୃୟାରୀ ୨୦ ତାରିଖ ଦିନ ପ୍ରକାଶିତ ସେହି ପ୍ରସିଦ୍ଧ ଘୋଷଣା ପତ୍ର (ସେବଜ୍ ଇସ୍ତହାର୍)ର ମୁଖ୍ୟାଂଶ ପଢ଼ି ଶୁଣାଇଥିଲେ ।

ପୁଣି ହଜୁର୍[ଅବ] କହିଲେ, ଯଦି ହଜରତ ମିର୍ଜା ବଶିରୁଦ୍ଦିନ୍ ମହ୍‌ମୁଦ୍ ଅହମଦ୍ ଅଲ୍-ମୁସଲେଃ ମଉଦ[ରଅ]ଙ୍କ ବିଶେଷ ଗୁଣାବଳୀ ଏବଂ ଜୀବନ ସିଦ୍ଧାନ୍ତକୁ ଅନୁଧାନ କରାଯାଏ, ତା'ହେଲେ କୌଣସି ଖୁତ୍‌ବା କିମ୍ବା ଭାଷଣ ମାଧମରେ ସଂପୂର୍ଣ୍ଣ ରୂପେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ସେଥିପାଇଁ ବହୁ ସଂଖ୍ୟକ ପୁସ୍ତକ ରଚନା କରିବାର ଆବଶ୍ୟକତା ପଡ଼ିବ ।

ସୁତରାଂ ଗୋଟିଏ କି ଦୁଇଟି ଭବିଷ୍ୟତ ବାଣୀ ନୁହେଁ, ବରଂ ହଜରତ ମୁସଲେଃ ମଉଦ[ରଅ]ଙ୍କ ଜୀବନ ଦର୍ପଣରେ ପ୍ରତିଫଳିତ ସେହି ଭବିଷ୍ୟତବାଣୀର କେବଳ କେତୋଟି ଦିଗ ମୁଁ ଏଠାରେ ଉପସ୍ଥାପନ କରିବି । ତାଙ୍କର ପ୍ରଲୁବ୍ଧ ଜ୍ଞାନ ଏବଂ ପ୍ରଜ୍ଞା କିପରି ଭାବେ ବ୍ୟୁତ୍ପତ୍ତି ଲାଭ କରିଥିଲା, ତାହା ପୁଣି ପର ଓ ଆପଣା ସଭିଙ୍କୁ କିପରି ବିମୋହିତ କରିଥିଲା, ସେ ବିଷୟରେ କହିବା ପୂର୍ବରୁ ମୁସଲେଃ ମଉଦ୍[ରଅ]ଙ୍କ ଲିଖିତ ପୁସ୍ତକ, ଭାଷଣ ଏବଂ ବକ୍ତୃତା ସମ୍ବନ୍ଧରେ ଏବେ ଏକ ତଥ୍ୟମୂଳକ ବିବରଣୀ ପ୍ରଦାନ କରୁଅଛି । ତେବେ 'ଫଜଲେ ଉମର୍ ଫାଉଣ୍ଡେସନ୍' ଦ୍ୱାରା ଏହାର ସମସ୍ତ ସଂକଳନ ଏକତ୍ର କରାଯାଇ 'ଅନ୍‌ୱାରୁଲ୍ ଓଲୁମ୍' ନାମରେ ଗ୍ରନ୍ଥାବଳୀ ଗୋଟିଏ ପରେ ଗୋଟିଏ ପ୍ରକାଶିତ ହେବରେ ଲାଗିଛି । ବର୍ତ୍ତମାନ ସୁଦ୍ଧା 'ଅନ୍‌ୱାରୁଲ୍ ଓଲୁମ୍' ଅନ୍ତର୍ଗତ ୨୪ଟି ଗ୍ରନ୍ଥ ଖଣ୍ଡ ଛପା ହୋଇ ସାରିଲାଣି । ଯାହା ମଧରେ ୬୩୩ଟି ବକ୍ତୃତା, ଉଦ୍‌ବୋଧନ ଏବଂ ପୁସ୍ତକ ଅନ୍ତର୍ଭୁକ୍ତ ଏବଂ 'ଫଜ୍‌ଲେ ଉମର୍ ଫାଉଣ୍ଡେସନ୍ ଯୋଜନାରେ ପ୍ରାୟତଃ ୩୨ଟି ଭାଗ ପ୍ରକାଶିତ ହେବ ଏବଂ ଏହିପରି ୮୫୦ଗୋଟି ଭାଷଣ ଏବଂ ପୁସ୍ତକମାଳା ସେଥିରେ ସ୍ଥାନ ପାଇବ । ସେହିପରି ଜୁମାର ଖୁତ୍‌ବଃ, ଇଦ୍ ଗୁଡ଼ିକର ଖୁତ୍‌ବଃ ଏବଂ ନିକାହ ଖୁତ୍‌ବଃ ଗୁଡ଼ିକର ସଂଖ୍ୟା ମିଶି ୨୦୭୬ ହେଉଅଛି ଏବଂ 'ଖୁତ୍‌ବାତେ

ମହମୁଦ' ବର୍ତ୍ତମାନ ସୁଦ୍ଧା ୨୮ଖଣ୍ଡ ବାହାରି ସାରିଲାଣି, ଯହିଁରେ ୧୬୦୨ଟି ଖୁତ୍‌ବଃ ଜୁମା ସାମିଲ କରାଯାଇଛି । ପୁଣି ୧୯୪୮ ଠାରୁ ୧୯୫୯ ପର୍ଯ୍ୟନ୍ତ ମୋଟ ପ୍ରାୟ ୫୦୦ରୁ ଅଧିକ ଖୁତ୍‌ବଃ ଜୁମା ୨୯ ରୁ ୩୯ ଖଣ୍ଡରେ ବିଭକ୍ତ ହୋଇ ପ୍ରକାଶିତ ହେବ ।

ସୁତରାଂ ଜ୍ଞାନର ବିକାଶ କ୍ଷେତ୍ରରେ ସେ କରିଯାଇଥିବା କାର୍ଯ୍ୟାବଳୀର ଏକ ମୋଟାମୋଟି ତଥ୍ୟ ପ୍ରଦାନ କଲି । ଯଦି ଆପଣ ତାଙ୍କର ପ୍ରତ୍ୟେକ ଖୁତ୍‌ବଃ ଏବଂ ପ୍ରତି ଭାଷଣକୁ ମନଦେଇ ଶୁଣିବେ ଏବଂ ପ୍ରତ୍ୟେକ ବ୍ୟାଖ୍ୟାନକୁ ଅନୁଧାନ କରିବେ, ତା'ହେଲେ ଦେଖିବେ ଯେ, ଆଧାତ୍ମିକ ଜ୍ଞାନ ଏବଂ ସୂକ୍ଷ୍ମ ତତ୍ତ୍ୱମୂଳକ ବିଚାର ବୁଦ୍ଧିରେ ସେ ଏପରି ପାରଦର୍ଶୀତା ଲାଭ କରିଥିଲେ, ଯାହା ଉଜ୍ଜ୍ୱଳ ମୋତି ପ୍ରାୟ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଯାହା ଉଛୁଳା ନଈର ଜଳ ପ୍ରବାହ ସହିତ ସମାନ । ତାଙ୍କ ପାଣ୍ଡିତ୍ୟର ଯେଉଁ ଅଥଳ ଜଳରାଶିର ଗଭୀରତାକୁ କଳନା କରିହୁଏ ନାହିଁ, ତାହା ମନୁଷ୍ୟକୁ ଆଶ୍ଚର୍ଯ୍ୟରେ ଅଭିଭୂତ କରି ପକାଏ । ସୁତରାଂ ହଜରତ ଖଲିଫତୁଲ୍ ମସିହ-ତୃତୀୟ[ରଃ] ମୁସଲେଃ ମଉଦ୍‌ଙ୍କ ବିଷୟରେ ରହିଥିବା ଭବିଷ୍ୟତ ବାଣୀର ଯଥାର୍ଥତା ପ୍ରକାଶ କରି କହିଥିଲେ, 'ତାଙ୍କ ପ୍ରକାଶ୍ୟ ଏବଂ ଗୁପ୍ତ ଜ୍ଞାନର ରହସ୍ୟକୁ ଯେତେ ବିଶ୍ଳେଷଣ କରୁଥିବ, ତାହା କେବେ ଶେଷ ହେଉ ନଥିବ' । ବାସ୍ତବରେ ଏହି ଉକ୍ତିଟି ସତ୍ୟ ଏବଂ ଏହାର ଭାବ ଅତ୍ୟନ୍ତ ବ୍ୟାପକ:

**ଓ୍ୱହ୍ ଓଲୁମେ ଜାହ୍‌ରୀ ଓ୍ୱ ବାତ୍‌ନୀ ସେ ପୁର୍ କିୟା ଯାଏଗା ।**

ସେ ପୁଣି କହିଥିଲେ ଯେ ଦ୍ୱିତୀୟ ଖଲିଫା[ରଃ] କେବଳ ପବିତ୍ର କୁରଆନ୍‌ର ବ୍ୟାଖ୍ୟାମୂଳକ ଭାବାର୍ଥ କରି ଆଠ ଦଶ ହଜାର ପୃଷ୍ଠା ଲେଖିଥିଲେ । ପ୍ରଥମ ଦୁଇଟି ଅଧ୍ୟାୟ ସୁରା ଫାତିହା ଏବଂ ଅଲ୍-ବକରା ପର୍ଯ୍ୟନ୍ତ, ତା'ପରେ ସୁରା ୟୁନୁସ ଠାରୁ ଅନ୍‌କବୁତ୍ ପର୍ଯ୍ୟନ୍ତ, ପୁଣି ଦଶମ ସୁରାରୁ ଅଣତିରିଶ ତମ ସୁରା ପର୍ଯ୍ୟନ୍ତ, ପୁଣି ସୁରା ନବା ଠାରୁ ନେଇ ଅନ୍-ନାସ୍ ପର୍ଯ୍ୟନ୍ତ -ଏହିପରି ୨୯ଟି ଅଧ୍ୟାୟର ବ୍ୟାଖ୍ୟା କରିଥିଲେ । ଅତି ଛୋଟ ଅକ୍ଷରରେ ଲିପିବଦ୍ଧ ଏହି ବ୍ୟାଖ୍ୟା ୬୦୦୦ ପୃଷ୍ଠା ସମ୍ବଳିତ ହୋଇଥିଲେ ହେଁ ଦ୍ୱିତୀୟ ଥର ଏହାର ପୁନଃ ମୁଦ୍ରଣ କରାଯାଉଛି, ଯାହା ବୋଧହୁଏ ଦଶ ହଜାର ପୃଷ୍ଠା ବିଶିଷ୍ଟ ଗ୍ରନ୍ଥାବଳୀ ହେବ ।

ପୁଣି ଦଶ ଗୋଟି ବହି ବାକ୍ୟାଳାପ ସମ୍ବନ୍ଧିତ ଏବଂ ଆଉ ୩୧ଟି ପୁସ୍ତକ ଇସଲାମର ନୈତିକ ସିଦ୍ଧାନ୍ତ ପତ୍ରିକା ଉପରେ ଆଧାରିତ ଥିଲା । ଜୀବନୀ ପୁସ୍ତକ ୧୩ଟି, ଇତିହାସ ପୁସ୍ତକ ୪ଟି, ଇସଲାମୀ ସମ୍ବିଧାନ-ଫିକା ସମ୍ବନ୍ଧୀୟ ୩ଟି ପୁସ୍ତକ ଓ ପତ୍ରିକା, ଭାରତ ବିଭାଜନ ପୂର୍ବର ରାଜନୈତିକ ଅବସ୍ଥା ଉପରେ୨୫ଟି ପୁସ୍ତକ ଓ ପତ୍ରିକା ଏବଂ ବିଭାଜନ ପରବର୍ତ୍ତୀ ଅବସ୍ଥା ଉପରେ ୯ଟି ପୁସ୍ତକ ଏବଂ ପତ୍ରିକା ରଚନା କରିଥିଲେ । ସେହିପରି କାଶ୍ମୀର ରାଜନୀତି ସମ୍ବନ୍ଧୀୟ ପୁସ୍ତକ ଓ ପତ୍ରିକା-୧୫ଗୋଟି, ଅହମଦୀୟା ଆନ୍ଦୋଳନ ଉପରେ ପ୍ରାୟ ୧୦୦ଟି ପୁସ୍ତକ ଏବଂ ପତ୍ରିକା ବ୍ୟତୀତ ଆହୁରି ଅସଂଖ୍ୟ ଲେଖା ପ୍ରକାଶ ପାଇଥିଲା । ସମସ୍ତ ପୁସ୍ତକ ଏବଂ ପତ୍ରିକାକୁ ମିଶାଇଲେ ପ୍ରାୟ ୮୦୦ରୁ ଅଧିକ ହୋଇଯିବ ।

ତେବେ ତୃତୀୟ ଖଲିଫା[ରଃ]ଙ୍କ କହିବା ଅନୁଯାୟୀ ଏହିସବୁ ପାଣ୍ଡିତ୍ୟର ଗନ୍ତାଘର ମଧ୍ୟରେ ବାହ୍ୟଜ୍ଞାନ ମଧ୍ୟ ଦେଖାଯାଉଛି ଏବଂ ଗୁପ୍ତଜ୍ଞାନର ଭେଦ ମଧ୍ୟ ପ୍ରକାଶ ପାଉଛି । ମଜା କଥା ହେଉଛି ଯେବେ ତାଙ୍କର କୌଣସି ପୁସ୍ତକ ବା ପତ୍ରିକାର ଲେଖା ପ୍ରକାଶ ପାଉଥିଲା, ସେଗୁଡ଼ିକୁ ପଢ଼ି ପ୍ରତ୍ୟେକ ବ୍ୟକ୍ତି କହି ଉଠୁଥିଲେ ଯେ ଏହାଠାରୁ ଅଧିକ ଭଲ ଲେଖାଯାଇ ପାରିବନାହିଁ । ରାଜନୀତିରେ ତାଙ୍କର ନେତୃତ୍ୱ ହେଉ କିମ୍ବା ରାଜନୈତିକ ସମସ୍ୟାର ସମାଧାନ ଦିଗରେ କୌଣସି ମୂଲ୍ୟବାନ ଏବଂ ଆଗୁଆ ପରାମର୍ଶ ହେଉ, ସବୁ କ୍ଷେତ୍ରରେ ଓ ସବୁ ସମୟରେ ବିରୁଦ୍ଧାଚରଣ କରିଥିବା ବଡ଼ ବଡ଼ ପ୍ରତିପକ୍ଷ ଗୋଷ୍ଠୀ ତାଙ୍କର ଅସାଧାରଣ ସାମର୍ଥ୍ୟ ଏବଂ ତୀକ୍ଷ୍ଣ ଦୂରଦର୍ଶୀତାକୁ ସମର୍ଥନ କରିବାକୁ ବାଧ୍ୟ ହେଉଥିଲେ ।

ଏହାପରେ ହଜୁର[ଅବ] ତଫସୀର କବିର୍ (ବିସ୍ତୃତ ବ୍ୟାଖ୍ୟାମୂଳକ କୁରଆନ୍) ଉପରେ କେତେକ ଅଣ-ଅହମଦି ମୁସଲିମ୍ ପଣ୍ଡିତମାନଙ୍କର ମତ ଓ ମନ୍ତବ୍ୟ ରଖିଲେ ।

ଅଲାମା ନିୟାଜ୍ ଫତେପୁରୀ ସାହେବ ମୁସଲେଃ ମଉଦ[ରଃ]ଙ୍କୁ ପତ୍ରରେ ଲେଖିଛନ୍ତି; ଆପଣଙ୍କ ରଚିତ ତଫସୀର୍ କବୀର୍‌ର ତୃତୀୟ ଖଣ୍ଡ ମୋ ସମ୍ମୁଖରେ ରହିଛି । ଆପଣ ଯେଉଁ ଦୃଷ୍ଟିଭଙ୍ଗୀରେ ପବିତ୍ର କୁରଆନ୍ ଅଧ୍ୟୟନ କରିଛନ୍ତି, ତହିଁରେ ଚିନ୍ତାଧାରାର ନୂତନ ଶୈଳୀ ରହିଛି, ବ୍ୟାଖ୍ୟାରେ ସ୍ୱତନ୍ତ୍ରତା ରହିଛି, ଯାହା ସଂପୂର୍ଣ୍ଣ ଭାବରେ ଏକ ଭିନ୍ନ ସ୍ୱାଦର ଭାବାର୍ଥ । ଯହିଁରେ ସୁନ୍ଦର ସମନ୍ୱୟ ରହିଛି, ଏହାର ପ୍ରତିଟି ଶବ୍ଦରେ ଭରି ରହିଛି ଅଗାଧ ପାଣ୍ଡିତ୍ୟ, ଅପାର ଦୂରଦୃଷ୍ଟି, ଅସାଧାରଣ ବୌଦ୍ଧିକ ଚେତନା ଏବଂ ପ୍ରମାଣ ସୃଷ୍ଟିକାରୀ ଉତ୍ତମ ସଂଯୋଜନା । ବଡ଼ ପରିତାପର ବିଷୟ ଯେ ମୁଁ ଆଗରୁ କିପରି ଏତେ ଦିନ ଯାଏ ଅଜ୍ଞ ହୋଇରହିଲି ? କିପରି ଏହାର ସମସ୍ତ ଗ୍ରନ୍ଥଖଣ୍ଡ ଉପରେ ଦୃଷ୍ଟି ପକାଇ ପାରିଲି ନାହିଁ ? ସୁରା 'ହୁଦ୍'ର ବ୍ୟାଖ୍ୟାକୁ କାଲି ଅଧ୍ୟୟନ କରି ମୋର ଚିନ୍ତା ଓ ଚେତନା ଜାଗ୍ରତ ହେଲା ଏବଂ ଅନାୟାସରେ ଏହା ଲେଖିବାକୁ ବାଧ୍ୟ ହେଉଛି ଯେ, ଆପଣ 'ହାଉ'ଲାଏ ବାନତୀ'ର ବ୍ୟାଖ୍ୟା କରି ଅନ୍ୟ ଭାଷ୍ୟକାରଙ୍କ ଠାରୁ ଏକ ଭିନ୍ନ ଶୈଳୀକୁ ଆପଣେଇଛନ୍ତି । ଏହା ଏତେ ମର୍ମସ୍ପର୍ଶୀ ହୋଇଛି ଯେ ତାହାର କୌଣସ ଉପମା ଦେଇ ହେବନାହିଁ । ଈଶ୍ୱର ଆପଣଙ୍କୁ ନିରାପଦରେ ରଖନ୍ତୁ ।

ପାଟନା ବିଶ୍ୱ ବିଦ୍ୟାଳୟର ଉର୍ଦ୍ଧୁ ବିଭାଗ ପ୍ରଫେସର୍ ଯନାବ ଅଖତର୍ ସାହେବ ନିଜର ଏକ ଚକ୍ଷୁସ ଅନୁଭୂତି ବର୍ଣ୍ଣନା କରି କହିଛନ୍ତି: ସେହି ପାଟନା କଲେଜର ଫାର୍ସି ବିଭାଗର ପୂର୍ବତନ ସଦର୍ ପ୍ରଫେସର୍ ଅବ୍ଦୁଲ୍ ମନାନ୍ ବେଦିଲ୍ ସାହେବଙ୍କୁ ତଫସୀର୍ କବୀର୍‌ର କେତେକ ଗ୍ରନ୍ଥଖଣ୍ଡ ମୁଁ ଯେତେବେଳେ ଦେଲି, ସେ ଏହାକୁ ପଢ଼ି ଏତେ ପ୍ରଭାବିତ ହୋଇଗଲେ ଯେ ମଦ୍ରାସା ଅରବୀୟା, 'ଶମ୍‌ସୁଲ୍ ହୁଦା'ର ଅନେକ ଶେଖ୍ ଛାତ୍ରଙ୍କୁ ଏହାର ଆରବୀ ଏବଂ ଫାର୍ସିର ଭାବାର୍ଥ ପଢ଼ିବାକୁ ଦେଲେ । ପାଟନାରେ ସମସ୍ତ ଆରବୀ ବ୍ୟାଖ୍ୟାମୂଳକ ପୁସ୍ତକ ଉପଲବଧ ହେଉ ନଥିବାରୁ ସେମାନେ ଏହା ପଢ଼ି ବାକ୍‌ଶୂନ୍ୟ ହୋଇଗଲେ । ସିରିୟା ଏବଂ ମିଶର୍‌ରୁ ବହି ମଗାଇବାକୁ କହିଲେ । ସୁତରାଂ ପ୍ରଫେସର୍ ସାହେବ ପୁରୁଣା ଆରାବୀ ଭାବାର୍ଥର ନିବନ୍ଧ ପଢ଼ିବା ଆରମ୍ଭ କଲେ ଏବଂ କହିଲେ,

*"ମିର୍ଜା ମହେମୁଦ୍‌ଙ୍କ ଏଭଳି ଉତ୍କୃଷ୍ଟମାନର ଭାବାର୍ଥ ଏବଂ ଉଚ୍ଚକୋଟୀର ଲେଖା ଅନ୍ୟ କୌଣସି ଭାଷାର ଭାବାର୍ଥ ଗ୍ରନ୍ଥରେ ମିଳିବ ନାହିଁ । ଆପଣମାନେ ମିଶର୍ ଏବଂ ସିରୀୟାରୁ ଅଧିକ ବ୍ୟାଖ୍ୟାମୂଳକ ଗ୍ରନ୍ଥ ମଗାଇ ପାରନ୍ତି ଏବଂ କିଛି ମାସ ପରେ ମୋତେ କୁହନ୍ତୁ ଯେ ଏହାକିପରି ? କାରଣ ଏହି ବ୍ୟାଖ୍ୟା ଆରବୀ ଓ ଫାର୍ସୀର ପଣ୍ଡିତମାନଙ୍କୁ ଚକିତ କରିଦେଇଛି ।"*

ପୁଣି ସୟଦ୍ ଜାଫର୍ ହୁସେନ ସାହେବ ଆଡ଼୍‌ଭୋକେଟ୍ 'ସିଦ୍‌କେ ଜଦିଦ୍' ପତ୍ରିକା କୁ ପତ୍ରରେ ଲେଖିଛନ୍ତି 'ତଫସୀର୍ କବିର୍ ପାଠ କରି ମୁଁ ପବିତ୍ର କୁରଆନ୍ ଆଡ଼କୁ ପ୍ରଥମ ଥର ପାଇଁ ଅନୁପ୍ରେରିତ ହେଲି । ନିଜର ସର୍ବସ୍ୱ ତ୍ୟାଗ କରି ସମସ୍ତ ମୌଲାନାଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ତିରସ୍କୃତ ଅହମଦୀୟା ସମ୍ପ୍ରଦାୟରେ ପ୍ରବେଶ କରିବା କୌଣସି ସାମାନ୍ୟ ଘଟଣା ନଥିଲା । କୌଣସି ପ୍ରକାର ବିପଦକୁ ଖାତିର୍ ନକରି ସତ୍ୟର ପୂଜାରୀ ସଦୃଶ କେତେ ମାସ ପର୍ଯ୍ୟନ୍ତ ସିଜ୍‌ଦାରେ ପଡ଼ି ଦିବାନିଶି ପ୍ରାର୍ଥନାରେ ଅଶ୍ରୁ ଗଡ଼ାଇ କହୁଥିଲି, 'ହେ ଅଲ୍ଲାଃ ମୋତେ ସତ୍‌ପଥ ଦେଖାଅ,' ମୋର ପ୍ରାର୍ଥନା ଗୃହୀତ ହେବାର ଦୃଢ଼ ବିଶ୍ୱାସ ରହିଥିଲା । ତେଣୁ ଅହମଦୀୟା ଜମାଅତ୍‌ର ସିଦ୍ଧାନ୍ତ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇଥିବାରୁ କାଦିୟାନ୍ ଯାଇ ବୟତ ଗ୍ରହଣ କରିବା ପାଇଁ ହଜରତ ମିଆଁ ୱସୀମ ଅହମଦ୍ ସାହେବଙ୍କ ସେବାରେ ପତ୍ର ଲେଖି ଆବେଦନ କଲି ।

ସେ କହିବାକୁ ଲାଗିଲେ ଯେ ବୟତ କରିବା ପୂର୍ବରୁ ହଜୁର୍ ଖଲିଫାଙ୍କ ନିର୍ଦ୍ଦେଶ ହେଲା ଯେ, ସରକାରଙ୍କ ବିଶ୍ୱସ୍ତ ହୋଇ ଆଇନ୍ କୁ ମାନି ରହିବାକୁ ହେବ । ମୁଁ ଉତ୍ତର ଦେଲି, 'ଆପଣଙ୍କ ଲିଖିତ ତଫସୀର୍ ପଢ଼ି ମୁଁ ସବୁ କଥା ଜାଣି ପାରିଛି ଏବଂ ତାହା ମାନି ଚଲୁଛି ।' କିଛିଦିନ ଉତ୍ତାରେ ମୋର ବୟତ ସ୍ୱୀକାର କରାଗଲା । ପୁଣି ତଫସୀର୍ କବିର୍‌ରେ ପଢ଼ିଥିଲି: *"ଯେଉଁ ଖଲିଫା ମୁସ୍‌ଲିମ୍ ମଉଦ ହେବେ, ସେ କଏଦୀମାନଙ୍କୁ ଜେଲ୍‌ରେ ମୁକ୍ତ କରିବାର କାରଣ ହେବେ ।"* ସୁତରାଂ ମୁଁ ଜେଲ୍‌ରେ ଥିବା ବେଳେ ମୋର ମୁକ୍ତି ପାଇଁ ଖଲିଫାଙ୍କୁ ପ୍ରାର୍ଥନା କରିବାକୁ ଅନୁରୋଧ ଜଣାଇଥିଲି । ସତକୁ ସତ ମୋତେ ଜେଲ୍‌ରୁ ମୁକ୍ତି ମିଳିଗଲା । ସୁତରାଂ ଖଲିଫାଙ୍କ ପ୍ରତି ହୋଇଥିବା ସେହି ଭବିଷ୍ୟତବାଣୀ ସତ୍ୟରେ ପରିଣତ ହେଲା ।

ପାଶ୍ଚାତ୍ୟ ଦେଶର ଅନେକ ଚିନ୍ତାନାୟକଙ୍କ ମଧ୍ୟରେ ବ୍ରିଟେନର ଏ.ଜେ.ଆର୍ବେରି ଇସାଲାମୀ ଜ୍ଞାନ ତଥା ଆରବୀ ତଥା ଫାର୍ସୀ ଭାଷାର ଜଣେ ବିଶିଷ୍ଟ ସାହିତ୍ୟିକ ଭାବେ ଖ୍ୟାତି ଅର୍ଜନ କରିଥିଲେ । ସେ କହନ୍ତି: 'ପବିତ୍ର କୁରଆନ୍‌ର ଏହି ବ୍ୟାଖ୍ୟାମୂଳକ ଅନୁବାଦ ତାଙ୍କର ଏକ ମହାନ୍ ଓ ସାର୍ଥକ କୃତି' ।

ସିରୀୟା ଦେଶର ଡାକ୍ତର ଅନସ୍ ସାହେବ୍‌ଙ୍କ ସମ୍ବନ୍ଧରେ ହଜୁର[ଅବ] କହିଲେ, 'ତାଙ୍କ ମତରେ ସୁଲତାନୁଲ୍ ଆରଫୀନ୍, ମୋହିଉଦ୍ଦିନ୍ ଇବ୍ନ ଅରବୀ, ମୋହମ୍ମଦ ବିନ୍ ଅଲି ଅଲ୍ ହାତ୍‌ମୀ ତାଇ ଇତ୍ୟାଦି ଅନେକ ଭାଷ୍ୟକାରଙ୍କ ପ୍ରବନ୍ଧ ପଢ଼ିଛି । କିନ୍ତୁ ହଜରତ୍ ମିର୍ଜା ବଶୀରୁଦ୍ଦିନ୍ ମହମୁଦ୍ ଅହମଦ୍‌ଙ୍କ ଲିଖିତ କୁରଆନ୍ ବ୍ୟାଖ୍ୟାରେ ଯେଉଁ ମାଧୁର୍ଯ୍ୟ ରହିଛି, ଲେଖନୀର ଚତୁରୀ ରହିଛି ଏବଂ ସ୍ୱାଦ ଭରି ରହିଛି, ତାହା ମୋତେ ଅନ୍ୟ କାହାରୀ ଭାବାର୍ଥ ଗ୍ରନ୍ଥରେ ଦେଖିବାକୁ ମିଳିଲା ନାହିଁ ।'

ତା'ପରେ ମରାକସ୍‌ର ଜମାଲ୍ ସାହେବ ଲେଖିଛନ୍ତି: ' ଏହି ବ୍ୟାଖ୍ୟା ସହିତ ଅନ୍ୟ ଭାବାର୍ଥକୁ ତୁଳନା କଲେ ଆକାଶ ପାତାଳ ପ୍ରଭେଦ ରହିଛି । ଏହି ଗ୍ରନ୍ଥରେ ଐଶ୍ୱରୀକ ଦିବ୍ୟଜ୍ଞାନର ଗୁଢ଼ତତ୍ତ୍ୱ ବର୍ଣ୍ଣନା କରାଯାଇଛି ଏବଂ ଶରୀୟତର ସାମିଧାନିକ ସାରତତ୍ତ୍ୱ ମଧ ଭରି ରହିଛି । କିନ୍ତୁ ଅନ୍ୟମାନଙ୍କ ବ୍ୟାଖ୍ୟାରେ ଏକ ସାମାନ୍ୟ ହାଲୁକା ଅର୍ଥର କିଞ୍ଚିତ୍ ଝଲକ ଦେଖିବାକୁ ମିଳିଥାଏ । ମାତ୍ର ଇସ୍‌ଲାମର ସୁନ୍ଦର ପ୍ରତିଛବି ମୋର ଆତ୍ମରେ ଯେପରି ପ୍ରବେଶ କରିଯାଇଛି, ମୁଁ ସେହି ଭାବାର୍ଥ ଆଉ କେଉଁଠି ପାଉନାହିଁ ।

ହଜରତ୍ ମୁସ୍‌ଲେଃ ମଉଦ୍[ଅ]ଙ୍କ ଦ୍ୱାରା ପରିବେଷିତ ଭାଷଣ ଅନ୍ୟ ଧର୍ମର ଅନୁଗାମୀ ମାନଙ୍କ ଉପରେ ଏକ ଅମିଟ୍ୟ ଛାପ ଛାଡି ଯାଇଥିଲା । ତାହାର କେତୋଟି ଉଦାହରଣ ଦେଇ ହଜୁର୍[ଅ] କହିଲେ, 'ପଞ୍ଜାବ ବିଶ୍ୱ ବିଦ୍ୟାଳୟର ନେତୃଗଣ ପୁଣି ପଞ୍ଜାବ Literaly Organisation ଆନୁକୁଲ୍ୟରେ ଦୁଇଟି ଭାଷଣ ଦେବା ପାଇଁ ନିମନ୍ତ୍ରିତ ହୋଇଥିଲେ । ପ୍ରଥମ ଭାଷଣର ବିଷୟବସ୍ତୁ- ପୃଥିବୀର ଅନ୍ୟ ସବୁ ଭାଷା ମଧ୍ୟରେ ଆରବୀ ଭାଷାର ସ୍ଥାନ କ'ଣ ସେ ସମ୍ବନ୍ଧରେ ରହିଥିଲା । ଏବଂ ତାହାର ଶୀର୍ଷକ ଥିଲା **'ଅରବୀ ଜବାନ୍ କା ମୁକାମେ ଅଲ୍ ସନା ଆଲମ୍ ମେ"** ଅର୍ଥାତ୍ 'ଭାଷା ସମୂହର ଜନନୀ ବୋଲାଇଥିବା ଆରବୀ ଭାଷାର ପଦମର୍ଯ୍ୟଦା' । ଡାକ୍ତର ବରକତ୍ ଅଲି କୋରେଶି ଏମ୍.ଏ.ପି.ଏଚ୍.ଡ଼ି ଇସ୍‌ଲାମିୟା କଲେଜ୍,

ଲାହୋରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ୧୯୩୪ ମସିହା ମଇ ୩୧ ତାରିଖ ଦିନ ଲାହୋର YMCA ହଲ୍‌ରେ ଆପଣଙ୍କ ଭାଷଣ ଦୀର୍ଘ ଦେଢ଼ଘଣ୍ଟା ଧରି ଚାଲିଲା । ସବୁ ବର୍ଗରୁ ଆସିଥିବା ବିଜ୍ଞ ସୁଧିବର୍ଗ ଏହାକୁ ମନଧାନ ଦେଇ କାନପାତି ଶୁଣୁଥିଲେ । ଭାଷଣ ଶେଷ ହେବା ପରେ ସଭାପତି ଉପସ୍ଥିତ ସଜ୍ଜନଙ୍କୁ ଧନ୍ୟବାଦ ଅର୍ପଣ କଲେ ଏବଂ ସମବେତ ଜନତାଙ୍କୁ ଏହି ସାରଗର୍ଭକ ଭାଷଣରୁ ଉପକୃତ ହେବା ପାଇଁ ଅନୁରୋଧ ଜଣାଇ କହିଲେ, ଏହିଭଳି ଜ୍ଞାନବର୍ଦ୍ଧକ ଭାଷଣ ଶୁଣିବା ସକାଶେ ଆମକୁ ଆଉ କେବେ ସୁଯୋଗ ମିଳିବା ଉଚିତ୍ ।

ସେଠାରେ ଲାଲା ଭୀମସେନଙ୍କ ପୁତ୍ର କାଶ୍ମୀରର ପୂର୍ବତନ ମୁଖ୍ୟ ବିଚାରପତି ଲାଲା କମର୍ ସେନ୍ ସାହେବ ମଧ ଉପସ୍ଥିତ ଥିଲେ । ସେ ତାଙ୍କର ସଂକ୍ଷିପ୍ତ ଇଂରାଜୀ ବକ୍ତବ୍ୟରେ କୃତଜ୍ଞତା ପୂର୍ବକ କହିଲେ, ‘ ଆଜି ସମ୍ମାନୀୟ ବକ୍ତାଙ୍କ ଠାରୁ ଆରବୀ ଭାଷାର ଶ୍ରେଷ୍ଠତ୍ୱ ଉପରେ ଏଭଳି ଚିତ୍ତାକର୍ଷକ ଏବଂ ଉଚ୍ଚଚିନ୍ତା ଧାରାମୂଳକ ପ୍ରଭାବଶାଳୀ ଭାଷଣ ଶୁଣିବାକୁ ମିଳିଲା, ସେଥିପାଇଁ ମୁଁ ଅତ୍ୟନ୍ତ ଆନନ୍ଦିତ । ଭାବିଥିଲି, ଏହି ବିଷୟ ବସ୍ତୁକୁ ପୁରୁଣା କାଳିଆ ଢ଼ଙ୍ଗରେ ଚିରାଚରିତ ଭାବେ ବର୍ଣ୍ଣନା କରାଯିବ । କୁହାଯାଏ, ଜଣେ ବକ୍ତାଙ୍କୁ ପଚରାଗଲା ଯେ ‘ଆରବୀ ଭାଷାର ବିଶେଷତ୍ୱ କେଉଁ କାରଣ ଯୋଗୁଁ ରହିଛି । ସେ କହିଲେ ତିନୋଟି କାରଣରୁ । ପ୍ରଥମତଃ ମୁଁ ଜଣେ ଆରବରେ ରହିବା ଲୋକ । ଦ୍ୱିତୀୟତଃ ପବିତ୍ର କୁରଆନ୍ ଆରବୀ ଭାଷାରେ ଅବତୀର୍ଣ୍ଣ ହୋଇଥିଲା ଏବଂ ଏହାର ତୃତୀୟ ବିଶେଷତ୍ୱ ହେଲା ବୈକୁଣ୍ଠରେ ଆରବୀ ଭାଷାରେ କଥାବାର୍ତ୍ତା କରାଯିବ ।’ ଆଜି ମୁଁ ଭାବିଥିଲି ଠିକ୍ ଏହି ଧରଣର ଆରବୀ ଭାଷାର ବ୍ୟାଖ୍ୟା କରାଯିବ । କିନ୍ତୁ ଆଜିର ଏହି ବକ୍ତବ୍ୟ ପାଣ୍ଡିତ୍ୟ ଏବଂ ଦର୍ଶନରେ ପରିପୂର୍ଣ୍ଣ ମହିମା ବହନ କରିଛି । ମୁଁ ଦୃଢ଼ ଆସ୍ଥାବାଦୀ ହୋଇ ମିର୍ଜା ସାହେବଙ୍କୁ କହୁଛି ଯେ ତାଙ୍କ ଭାଷଣକୁ ମୁଁ ଅତି ମନଯୋଗ ସହକାରେ ଶୁଣିଛି ଏବଂ ତହିଁରୁ ଲାଭାନ୍ୱିତ ହୋଇଛି । ମୋର ଆଶା ଦୀର୍ଘକାଳ ପର୍ଯ୍ୟନ୍ତ ଏହାର ପ୍ରଭାବ ମୋ ହୃଦୟରେ ସମାହିତ ହୋଇ ରହିବ ।

ଲାହୋର ଇସଲାମିୟା କଲେଜର ଇତିହାସ ବିଭାଗର ମୁଖ୍ୟ ତଥା ଉପାଧକ୍ଷ ସୟଦ୍ ଅବ୍ଦୁଲ୍ କାଦର୍ ଏମ.ଏ ଏହି କଲେଜ ପକ୍ଷରୁ Sunrise ସମ୍ବାଦ ପତ୍ରକୁ ‘ଇସଲାମ୍ ଏବଂ ସମାଜତନ୍ତ୍ର ବ୍ୟବସ୍ଥା’ ତଥା ‘ଇସଲାମ୍ ଏବଂ ସାମ୍ୟବାଦ’ ଉପରେ ଏକ ଟିପ୍ପଣୀ ଦେଇଥିଲେ । ସେଥିରେ ସେ ଲେଖିଥିଲେ ‘ଇସ୍‌ଲାମ୍‌ର ଅର୍ଥନୈତିକ ବ୍ୟବସ୍ଥା’ ଶୀର୍ଷକ ବିଷୟ ବସ୍ତୁ **(ଇସ୍‌ଲାମ୍ କା ଇକ୍‌ତେସାଦି ନିଜାମ୍)** ଏବଂ ସାମ୍ୟବାଦ ଉପରେ ଅହମଦୀୟା ଜମାଅତ୍‌ର ଇମାମ୍-ମିର୍ଜା ବଶୀରୁଦ୍ଦିନ ମହେମୁଦ୍ ଅହମଦ୍‌ଙ୍କର ଭାଷଣ ତାଙ୍କର ଅନ୍ୟାନ୍ୟ ଭାଷଣ ପରି ମୋତେ ଶୁଣିବାର ଅବସାର ମିଳିଲା । ଉତ୍‌କୃଷ୍ଟ ଜ୍ଞାନ ସମ୍ପନ୍ନ ତଥ୍ୟ ସମ୍ବଳିତ ଏହି ଭାଷଣ ଅତ୍ୟନ୍ତ ସାରଗର୍ଭକ ଥିଲା । କୌଣସି ପ୍ରସଙ୍ଗରେ ପ୍ରତ୍ୟେକ ଦିଗ ଉପରେ ତାଙ୍କର ଦକ୍ଷତା ରହିଛି । ସମ୍ମାନ ଦୃଷ୍ଟିରେ ତାଙ୍କର ଚିନ୍ତାଧାରା ପ୍ରତି ଆମେ ଗୁରୁତ୍ୱ ଦେବା ଉଚିତ୍ ।

ହଜୁର୍ ଅନଓ୍ୱର୍[ଅବ] କହିଲେ, ସେହି ଭବିଷ୍ୟତ ବାଣୀର କେବଳ ଗୋଟିଏ ଦିଗ ଉପରେ କିଛି ଝଲକ ଆଜିର ଖୁତ୍‌ବଃରେ ଉପସ୍ଥାପନ କଲି । ତାହା ହେଉଛି, ସେହି ସ୍ୱର୍ଗୀୟ ବରପୁତ୍ର- **ପ୍ରକାଶ ଏବଂ ଗୁପ୍ତ ଜ୍ଞାନର ରହସ୍ୟରେ ପରିପୂର୍ଣ୍ଣ ହେବ ।** ଅନ୍ୟ ଅର୍ଥରେ ସେ ସାଂସାରିକ ଏବଂ ଆଧାତ୍ମିକ ଜ୍ଞନରେ ମଧ ପରିପୂର୍ଣ୍ଣତା ଲାଭ କରିବ । ହଜରତ ମୁସଲେଃ ମଉଦ[ରଅ] (ପ୍ରତିଶ୍ରୁତ ସୁଧାରକ) ଆମକୁ ଅର୍ପଣ କରିଥିବା ଜ୍ଞାନର ସାରସ୍ୱତ ଭଣ୍ଡାରରୁ ଈଶ୍ୱର ଆମକୁ କିଛି ଅଧୟନ କରିବାପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିଭିନ୍ନ ବିଷୟ ବସ୍ତୁ ଉପରେ ତାଙ୍କ ଦ୍ୱାରା ଲିଖିତ ବକ୍ତବ୍ୟ ଏବଂ ରଚନା ମୂଳକ ଗ୍ରନ୍ଥାବଳୀର ଯେଉଁ ତାଲିକାର ବିବରଣୀ ମୁଁ ପ୍ରଥମେ ଦେଇଥିଲି ତହିଁରୁ ଲାଭଉଠାଇ ନିଜ ନୈତିକ ଶିକ୍ଷା ଏବଂ ଆଧାତ୍ମିକ ଜ୍ଞାନ ବୃଦ୍ଧି କରିବା ପାଇଁ ମଧ ଅଲ୍ଲାଃ ଆମ୍ଭମାନଙ୍କ ସହାୟ ହୁଅନ୍ତି ।

ଖୁତ୍‌ବଃ ଜୁମା ଶେଷରେ ହଜୁର୍‌ଅବ ସାହେବ୍ ଜାଦା-ମିର୍ଜା ହନିଫ୍ ସାହେବଙ୍କ ମୃତ୍ୟୁର ଖବର ଜଣାଇ ନମାଜ ଜୁମା ପରେ ତାଙ୍କର ଜନାଜାଃ ପଢ଼ାଇଲେ ।

*ସୌଜନ୍ୟ:* ନେଜାରତ୍ ନଶରୋ ଇଶାଅତ୍, କାଦିୟାନ- ପଞ୍ଜାବ